**ଘରୁ ୪.୫୦ଲକ୍ଷ ଲୁଟ୍‌**
**ବ୍ରହ୍ମପୁର ଅଫିସ:** ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ମାର୍କଣ୍ଡେଶ୍ୱର ନଗରରେ ରହୁଥିବା ପି.ଭେଙ୍କଟରାୟଙ୍କ ଘରୁ ୪ଲକ୍ଷ ୫୦ ହଜାର ଟଙ୍କା ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ଗତ ୮ ତାରିଖରେ ସେ କୌଣସି କାମରେ ବାହାରକୁ ଯାଇଥିଲେ। ୧୦ ତାରିଖରେ ଘରକୁ ଫେରି ଚୋରି ହୋଇଥିବା ଜାଣି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।


ଛୋଟ ଶିଶୁଙ୍କ କୃଷ୍ଣ, ବାବାଜୀ ଓ ରାଧା ବେଶ।


ଅସ୍ଥାୟୀ ମଣ୍ଡପରେ ମହିଳାଙ୍କ ଭିଡ।

# ମାଉସୀ ମା’ ଘରେ ପୂଜାର୍ଚ୍ଚନା

**ଠାକୁରାଣୀ ଯାତ୍ରାର ୭ମ ଦିନ**

**ଅର୍ଜୁନ ରଥ, ଶ୍ରୀରାମ ରଥ, ବୀର ହନୁମାନ ରଥକୁ ନିମନ୍ତ୍ରଣ**

ବ୍ରହ୍ମପୁର ଅଫିସ,୧୦।୪

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା’ ବୁଢୀ ଠାକୁରାଣୀ ଯାତ୍ରାର ସପ୍ତମ ଦିନରେ ମା’ଜଉରାସାହିସ୍ଥିତ ମାଉସୀ ମା’ ଘରକୁ ଯାତ୍ରା କରିଥିଲେ। ଜଉରାସାହିରେ ମାଉସୀ ମା’ ଘର ତଥା ଶ୍ରୀନିବାସ ସେନାପତିଙ୍କ ଘରେ ମା’ଙ୍କ ବିଶେଷ ପୂଜାର୍ଚ୍ଚନା କରାଯାଇଥିଲା। ପରମ୍ପରା ଅନୁଯାୟୀ ମାଉସୀ ମା’ ଘରେ ଶୁଖିଲା ଭୋଗ ହୋଇଥିଲା। ଠାକୁରାଣୀଙ୍କୁ ହଳଦୀ ଲେପନ ସହ ହଳଦୀ ପାଣିରେ ପୂଜା କରାଯାଇଥିଲା। ଠାକୁରାଣୀଙ୍କୁ ନୂତନ ଶାଢି ମଧ୍ୟ ଦିଆଯାଇଥିଲା। ମୁଖ୍ୟ ଘଟ ପ୍ରଥମେ ଅସ୍ଥାୟୀ ମଣ୍ଡପରୁ ବାହାରି ମହୁରୀ ରାଜବାଟିରେ ରାଜାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ଜଉରା ସାହି ସ୍ଥିତ ମାଉସୀ ମା’ ଘରକୁ ଯାଇଥିଲେ। ଏହାପରେ ଘଟ ନରସିଂହ ମନ୍ଦିର ସାହି, ଚନ୍ଦ୍ରଶେଖର ମନ୍ଦିର ସାହି, ଶଙ୍ଖାରି ସାହି, ଜେମାଦେଈ ପେଣ୍ଠ ଓ ପୁରୁଣା ବ୍ରହ୍ମପୁର ସାହି ପରିକ୍ରମା କରିଥିଲା । ଶେଷରେ ପୁଣି ଖାସ୍ବା ସାହି ହୋଇ ନଡିଆ ବଜାର, ଦେଶୀ ବେହେରା ସାହି ହୋଇ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲା। ସୋମବାର ମା’ ଠାକୁରାଣୀ ବିଭିନ୍ନ ସାହିର ରଥକୁ ନିମନ୍ତ୍ରଣ କରିଥିଲେ। ଖାସ୍ବାସାହିର ହରି ଅର୍ଜୁନ ରଥ, ନରସିଂହ ମନ୍ଦିର ସାହିର ଶ୍ରୀରାମ ରଥ, ଚନ୍ଦ୍ରଶେଖର ମନ୍ଦିର ସାହିର ବୀର ହନୁମାନ ରଥ, ଶଙ୍ଖାରୀ ସାହିର ଲକ୍ଷ୍ମଣ ରଥ, ଜେମାଦେଇ ପେଣ୍ଠରେ ଜଗନ୍ନାଥ ରଥ ଓ ପୁରୁଣା ବ୍ରହ୍ମପୁର ମହାବୀର କର୍ଣ୍ଣ ରଥକୁ ନିମନ୍ତ୍ରଣ କରାଯାଇଥିଲା। ଆଜି ବି ଅସ୍ଥାୟୀ ମଣ୍ଡପରେ ବହୁ ମାନସିକ ବେଶଧାରୀ ମା’ ଠାକୁରାଣୀଙ୍କ ଦର୍ଶନ ନିମନ୍ତେ ଆସିଥିଲେ।


ଲକ୍ଷ୍ମଣ ବେଶ।


ଶିବ ବେଶରେ ଜଣେ ଶିଶୁ ।


ରାଧା ବେଶ।


ବାଘ ବେଶ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ସାହିଲ


@ ସୁକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମ୍ୟୁନିସିପାଲିଟି ଟ୍ୟାକ୍ସ କଲେକ୍ଟରଙ୍କୁ ୨ବର୍ଷ ଜେଲ

**ଲାଞ୍ଚ ଗ୍ରହଣ ମାମଲା**

ବ୍ରହ୍ମପୁର ଅଫିସ,୧୦।୪: ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୋମବାର ଏକ ଲାଞ୍ଚ ଗ୍ରହଣ ମାମଲାର ୬ ବର୍ଷ ପରେ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ସେ ବ୍ରହ୍ମପୁର ମ୍ୟୁନିସିପାଲିଟିର ତତ୍କାଳୀନ ଟ୍ୟାକ୍ସ କଲେକ୍ଟର ତଥା ବର୍ତ୍ତମାନ ବ୍ରହ୍ମପୁର ମହାନଗର ନିଗମ ମେକାନିକାଲ ସେକ୍ସନ ଡ୍ରିଲିଂ କ୍ଲର୍କ ଧରଣୀଧର ସ୍ୱାଇଁଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ଜରିମାନା ବାବଦକୁ ୫ ହଜାର ଟଙ୍କା ଏହା ଅନାଦାୟେ ଅତିରିକ୍ତ ୧ ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ଗୋଷାଣୀନୂଆଗାଁ ଅଞ୍ଚଳର ଶଙ୍କର ପାଣିଗ୍ରାହୀ ତାଙ୍କ ଘର ହୋଲ୍ଡିଂ ଟ୍ୟାକ୍ସ ମ୍ୟୁଟେଶନ ପାଇଁ ମ୍ୟୁନିସିପାଲିଟିରେ ଆବେଦନ କରିଥିଲେ। ଉକ୍ତ କାମ ପାଇଁ ଟ୍ୟାକ୍ସ କଲେକ୍ଟର ଧରଣୀଧର ତାଙ୍କୁ ୧ ହଜାର ଟଙ୍କା ମାଗିଥିଲେ। ଶଙ୍କର ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ୨୦୧୬ ଅକ୍ଟୋବର ୨୨ରେ ଶଙ୍କର ଧରଣୀଧରଙ୍କୁ ୧ହଜାର ଟଙ୍କା ଲାଞ୍ଚ ଦେବାବେଳେ ଭିଜିଲାନ୍ସ ଟିମ୍ ଉକ୍ତ ଟଙ୍କା ଜବତ କରିବା ସହ ଧରଣୀଧରଙ୍କୁ ମାମଲା ନମ୍ବର ୫୬/୧୬ ରେ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ମାମଲାର ବିଚାର ବେଳେ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

## ନାରୀ ଶିକ୍ଷିତ ହେବା ଦ୍ୱାରା ଦେଶ ଶିକ୍ଷିତ ହୋଇଥାଏ: ଉଚ୍ଚ ଶିକ୍ଷା ମନ୍ତ୍ରୀ



ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ଅନ୍ୟମାନେ ।

**ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ବାର୍ଷିକ ଉତ୍ସବ**

ବ୍ରହ୍ମପୁର ଅଫିସ,୧୦।୪: ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟର ୬୫ ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାରୀ ଶିକ୍ଷିତ ହେବା ଦ୍ୱାରା ଦେଶ ଶିକ୍ଷିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ଛାତ୍ରୀଙ୍କ ଶୃଙ୍ଖଳିତ ଆଚରଣ ସହ ଅଧିନାୟକତ୍ୱ ଗୁଣକୁ ପ୍ରଶଂସା କରିଥିଲେ। କ୍ରୀଡ଼ାର ବିକାଶ ନିମନ୍ତେ ମଲ୍ଟି ଜିମ୍ ଓ ଇନ୍‌ଡୋର ଷ୍ଟାଡ଼ିୟମ ନିର୍ମାଣ ନିମନ୍ତେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଉତ୍ସବରେ ଅଧ୍ୟକ୍ଷ ଡ଼.କାହ୍ନୁଚରଣ ପାଢ଼ୀ ଅଧ୍ୟକ୍ଷତା କରିବା ସହ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଶିକ୍ଷାମନ୍ତ୍ରୀ ଓ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଛାତ୍ରୀଙ୍କୁ ଭଲ ପାଠ ପଢ଼ିବା ସହ ଆତ୍ମନିର୍ଭରଶୀଳ ହେବାକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡ଼.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ସଂଘମିତ୍ରା ଦଳାଇ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, ଅବସରପ୍ରାପ୍ତ କୁଳପତି ଡ଼.ମନ୍ମଥ ପାଢ଼ୀ, ଉଚ୍ଚ ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ ଡ଼.ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଙ୍କୁ ଉଚ୍ଚଶିକ୍ଷା ଲାଭ ସହ ନିଜ ନିଜ କ୍ୟାରିୟରରେ କିପରି ଆଗେଇ ପାରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। ଅତିଥି ମାନେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଯୁକ୍ତ ତିନି ୩ ଶେଷ ବର୍ଷ ଛାତ୍ରୀ ଅପର୍ଣ୍ଣା ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ରବୀନ୍ଦ୍ର କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଆଜି କ'ଣ କେଉଁଠି

**ଫୁଲବାଣୀ**

- ଜିଲା ପରିଷଦ ବୈଠକ। ସ୍ଥାନ– ଜିଲା ପରିଷଦ ସମିଳନୀ କକ୍ଷ, ସମୟ–ପୂର୍ବାହ୍ଣ ସାଢ଼େ ୧୦ଟା।

## ସଂକ୍ଷେପରେ

### ଭାଜପାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

**ପୋଲସରା,୧୦।୪:** ଭାଜପାର ୪୪ତମ ପ୍ରତିଷ୍ଠା ଦିବସରେ ପ୍ରତ୍ୟେକ ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ପୋଲସରା ବ୍ଲକ ଅନ୍ତର୍ଗତ ମନ୍ଦାର ପଞ୍ଚାୟତ ଚିରିକିପଡ଼ା ଶାସନ ମଣ୍ଡଳ ସଭାପତି ରଘୁନାଥ ପଣ୍ଡାଙ୍କ ନେତୃତ୍ୱରେ ପ୍ରତ୍ୟେକ ସାହିରୁ ଅଳିଆ ଆବର୍ଜନା ସଫା କରାଯାଇ ସ୍ୱଚ୍ଛ ଭାରତ ମିଶନରେ ପରିଣତ କରାଯାଇଛି। ଏହି ଅବସରରେ ଯୁବନେତା ତପନ ସାହାଣୀ, ବିଜୟ ରାଉତ, ଦୁର୍ଗାମାଧବ ପଣ୍ଡା, କୃଷ୍ଣ ପ୍ରଧାନ, ବାଲାଜୀ ମଲ୍ଲିକ, ସୂର୍ଯ୍ୟ ପଣ୍ଡା ଓ ଗୌର ନାୟକଙ୍କ ସହ ବହୁ ଯୁବକ ସାମିଲ ହୋଇ ଗାଁକୁ ସଫା କରିବାରେ ସହଯୋଗ କରିଥିଲେ।

### ହତ୍ୟା ଉଦ୍ୟମ ମାମଲା, ୨ ମହିଳା ଗଲେ ଜେଲ

**ଦିଗପହଣ୍ଡି,୧୦।୪(ଡି.ଏନ.ଏ.):** ଦିଗପହଣ୍ଡି ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ବଜାରରେ ବବି ରାଉଳଙ୍କୁ ହତ୍ୟା ଉଦ୍ୟମ ମାମଲାରେ ପୋଲିସ ଆକ୍ରମଣକାରୀ ୨ ମହିଳାଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛଣମେରି ଗ୍ରାମ ବଡସାହିର ବାସନ୍ତୀ ରାଉଳ ଏବଂ ଫାସିଗୁଡା ଗ୍ରାମ ଡେପସାହିର ସୁଦେଷ୍ଣା ନାୟକ। ଉଭୟଙ୍କୁ ସୋମବାର ଦିଗପହଣ୍ଡି କୋର୍ଟ ଚାଲାଣ କରାଯିବା ପରେ ଥାନା ମାମଲା ନଂ.୧୨୫/୨୩ ଅନୁଯାୟୀ ଜାମିନ ଆବେଦନ ଖାରଜ ହୋଇଯିବାରୁ ଦୁହିଁଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ମାର୍ଚ୍ଚ ୨୭ରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ବବି ଓ ବାସନ୍ତୀ ୨ ପରିବାର ମଧରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ବବି ଏବଂ ବାସନ୍ତୀ ଗୁରୁତର ହୋଇଥିଲେ। ପୂର୍ବରୁ ବାସନ୍ତୀଙ୍କ ଏତଲା ଭିତ୍ତିରେ ବବି ରାଉଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସୋମବାର ବବିଙ୍କ ଏତଲା ଭିତ୍ତିରେ ବାସନ୍ତୀ ଓ ସୁଦେଷ୍ଣାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ଜିଲାପାଳଙ୍କ ନିକଟରେ ୪୩ ଅଭିଯୋଗ ପଞ୍ଜୀକୃତ

**ଜି.ଉଦୟଗିରି,୧୦।୪(ଡି.ଏନ.ଏ.):** ଜି.ଉଦୟଗିରି ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଜନସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ବିଭିନ୍ନ ପଞ୍ଚାୟତରୁ ୪୩ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବିଶେଷ କରି ଜମିଜମା, ଗମନାଗମନ, ଶିକ୍ଷା, ଆବାସ ଯୋଜନା, ପାନୀୟଜଳ ସମ୍ପର୍କୀୟ ଅଭିଯୋଗ ଆସିଥିଲା। ଜିଲା ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ମଧ ଅଭିଯୋଗ ଶୁଣାଣି ବେଳେ ଉପସ୍ଥିତ ଥିଲେ। ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜି. ଉଦୟଗିରି ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଉପାଧକ୍ଷ ଏନ. ଲୁକ ପ୍ରମୁଖ ଅଭିଯୋଗ ଶୁଣାଣି ବେଳେ ଉପସ୍ଥିତ ଥିଲେ।

# ଇଂଲିଶ ମିଡିୟମ ସ୍କୁଲରେ ଓଡ଼ିଆ ଭାଷା ବାଧ୍ୟତାମୂଳକ ଦାବି

## ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ

ବ୍ରହ୍ମପୁର ଅଫିସ,୧୦।୪

ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ଶାଖାର ବାର୍ଷିକ ଅଧିବେଶନ ଓ ରାଷ୍ଟ୍ରୀୟ କର୍ମକର୍ତ୍ତା ସମାବେଶର ସୋମବାର ଦ୍ୱିତୀୟ ଅଧିବେଶନ ବ୍ରହ୍ମପୁର ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମିଳନୀର ଜିଲା ଶାଖା ସଭାପତି ତଥା ରାଷ୍ଟ୍ରୀୟ ଉପସଭାପତି ଡ. ସୁବ୍ରତ କୁମାର ସାହୁ ପୌରହିତ୍ୟ କରିଥିଲେ। ଆଲୋଚନା ସଭାରେ ରାଷ୍ଟ୍ରୀୟ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟରେ ପରିଚାଳିତ ପ୍ରତ୍ୟେକ ସରକାରୀ ଓ ଘରୋଇ ବିଦ୍ୟାଳୟଗୁଡ଼ିକରେ ଓଡ଼ିଆ ଭାଷାରେ ଶିକ୍ଷାଦାନ ବାଧ୍ୟତାମୂଳକ କରାଯିବା ସହ ଉଚ୍ଚ ପ୍ରାଥମିକ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀଯାଏ ୩୦୦ ସୂଚକ ସଂଖ୍ୟାରେ ପରୀକ୍ଷା କରିବାକୁ ଦାବି ହୋଇଥିଲା। ଏହାର ଖିଲାପକାରୀଙ୍କୁ ମଧ କଠୋର ଦଣ୍ଡବିଧାନ ପାଇଁ ସମ୍ମିଳନୀ ଦାବି କରିଛି। ଏଥିସହ ପ୍ରତ୍ୟେକ ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ଅଞ୍ଚଳର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ମଧ ଶିଶୁଙ୍କୁ




ଦ୍ୱିତୀୟ ଅଧିବେଶନରେ ଉପସ୍ଥିତ ଅତିଥି ବୃନ୍ଦ।

ଓଡ଼ିଆ ଭାଷାରେ ପ୍ରାଥମିକ ଶିକ୍ଷାଦାନ ଏବଂ ତତ୍‌ସଂଲଗ୍ନ ପାଠ୍ୟ ସାମଗ୍ରୀ ରାଜ୍ୟ ସରକାର ପ୍ରଦାନ କଲେ ଶିଶୁଟି ପ୍ରାରମ୍ଭିକ ସ୍ତରରେ ଓଡ଼ିଆ ଭାଷାରେ ଯୋଗ୍ୟତା ଅର୍ଜନ କରିପାରିବ ବୋଲି ସମ୍ମିଳନୀ କହିଛି। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ କାଳଜୟୀ ରଚନା 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସରକାର ଓଡ଼ିଆ ରାଷ୍ଟ୍ରୀୟ ସଂଗୀତର ମର୍ଯ୍ୟାଦା ପାଇଁ ନିର୍ଦ୍ଦେଶନାମା ଜାରି କରିଥିବାରୁ ଉତ୍କଳ ସମ୍ମିଳନୀ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, ଗଞ୍ଜାମ ଜିଲା ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ, ବରିଷ୍ଠ ସଦସ୍ୟ ତଥା ଛତ୍ରପୁର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପାଳ ସମାଜ ତାଲୁକାସ୍ତରୀୟ ବୈଠକ

ରାମଗିରି,୧୦।୪(ଡି.ଏନ୍.ଏ.)

ଗଜପତି ଜିଲା ରାମଗିରି ଗୋପାଳ ସମାଜ ତାଲୁକାସ୍ତରୀୟ ବୈଠକ ଧାଡ଼ିଆମ୍ବ ମୁଠାର ପାଢ଼ିଗାଁଠାରେ ସୋମବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାମଗିରି, ତବାରସିଂ, ଧାଡ଼ିଆମ୍ବ ମୁଠାକୁ ନେଇ ରାମଗିରି ତାଲୁକା ଗଠନ କରାଯାଇଛି। ତାଲୁକା ସଭାପତିଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଖଦାଳ ଗୌଡ଼ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିରେ ତାଲୁକା ସଭାପତି ଆନନ୍ଦ ଗୌଡ଼ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଜିଲା ସମ୍ପାଦକ ରାଜେନ୍ଦ୍ର ଗୌଡ଼, ମୁଖ୍ୟ ଅତିଥି ଜିଲା ସଭାପତି ଖଦାଳ ଗୌଡ଼, ସମ୍ମାନିତ ଅତିଥି ବିଶ୍ୱନାଥ ଗୌଡ଼, ମାର୍କଣ୍ଡ ପ୍ରଧାନ, ପଦ୍ମଚରଣ ପାତ୍ର, ସୁବାସ ଚନ୍ଦ୍ର ପ୍ରଧାନ, ବଳବ ଗୌଡ଼, ଗୋପାଳ ଗୌଡ଼, ପର୍ଶୁରାମ ଗୌଡ଼, କିଶୋର ଗୌଡ଼, ଚକ୍ରବାଣି ବାହାଦୁର ଓ ତ୍ରିନାଥ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଅଭିରାମ ଚୌଧୁରୀ ପରିଚୟ ପ୍ରଦାନ କରିଥିଲେ। ଗୋପାଳ ସମାଜରେ ବାଲ୍ୟବିବାହ ବନ୍ଦ କରାଯାଇଥିବାରୁ ଜିଲାପାଳ ଲିଙ୍ଗରାଜ ପଣ୍ଡା ସମାଜକୁ ଏକ ସାର୍ଟିଫିକେଟ ପ୍ରଦାନ କରିଥିବା କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ନକୁଳ ଗୌଡ଼ ଓ ପ୍ରଫୁଲ୍ଲ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।

# ଭଞ୍ଜନଗରରୁ ପୁରୀ ଗଲା ଢଉରା କାଠ




ରଥ କାଠ ଭର୍ତ୍ତି ଟ୍ରକକୁ ଭଞ୍ଜନଗରରେ ସ୍ୱାଗତ କରାଯାଉଛି।

ଭଞ୍ଜନଗର,୧୦।୪(ଡି.ଏନ.ଏ.)

ପ୍ରଥମ ଥର ପାଇଁ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ବାଇବାଲି ଜଙ୍ଗଲରୁ ୪୦ ଫୁଟ ଲମ୍ବର ୨୦ ଖଣ୍ଡ ଢଉରା କାଠ ପୁରୀ ରଥଯାତ୍ରା ପାଇଁ ପଠାଯାଇଛି। ଆଉ କିଛି ଦିନ ପରେ କେନ୍ଦ୍ରୀୟ ବନାଞ୍ଚଳ ପୁରୁଣାପାଣିରୁ ମଧ ପ୍ରଥମ ଥର ପାଇଁ ପୁରୀ ରଥଯାତ୍ରା ପାଇଁ ଫାଶି କାଠ ଯିବ। କାଠ କାଟି ଜଙ୍ଗଲରେ ଗଚ୍ଛିତ ରଖାଯାଇଛି। ଏଥିସହ ତାରସି ରେଞ୍ଜରୁ ପୂର୍ବରୁ ଦୁଇଥର ପୁରୀ ରଥଯାତ୍ରା ପାଇଁ ଫାଶି କାଠ ପଠାଯାଇଥିବା ବେଳେ ଚଳିତ ବର୍ଷ ମଧ ଫାଶି କାଠ ପଠାଯିବ। କାଠ କାଟି ଜଙ୍ଗଲରେ ରଖାଯାଇଛି। ବାଇବାଲି ଜଙ୍ଗଲରୁ ଆଜି ଏକ ବିରାଟ ଟ୍ରକରେ କାଠ ଗୁଡିକୁ ନିଆଯିବ ସମୟରେ ବାଟରେ ବିଭିନ୍ନ ସ୍ଥାନରେ ରଥ କାଠକୁ ଲୋକେ ପୂଜାର୍ଚ୍ଚନା କରିବା ସହ ସ୍ୱାଗତ କରିଥିଲେ। ହୁଳହୁଳି ଏବଂ ଢୋଲ, ମୃଦଙ୍ଗର ତାଳେତାଳେ ରଥ କାଠ ଭର୍ତ୍ତି ହୋଇଥିବା ଟ୍ରକ୍‌କୁ ଲୋକେ ପାଛୋଟି ନେଇଥିଲେ। ଏହି ସମୟରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ, ବନପାଳ ବଂଶୀଧର ବିଶୋଇ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳ ପାଣି ସତପଥୀ, ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ସ୍କୁଲର ପଞ୍ଚମ ବାର୍ଷିକ ଉତ୍ସବ

ରମ୍ଭା,୧୦।୪

ସ୍ଥାନୀୟ ଏମଏସଭି ପବ୍ଲିକ ସ୍କୁଲ ରମ୍ଭାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ପଞ୍ଚମ ବାର୍ଷିକ ଉତ୍ସବ ଚେୟାରମ୍ୟାନ ବିଶ୍ୱଜିତ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ରାଜ୍ୟ ସରକାରଙ୍କ ଶିକ୍ଷାର ପ୍ରସାର, ବୈପ୍ଳବିକ ପରିବର୍ତ୍ତନ ସରକାରୀ ଶିକ୍ଷା ଅନୁଷ୍ଠାନରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ୫୦ହଜାର ଦରମା ପାଇଥିଲେ ମଧ ପ୍ରାଇଭେଟ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସ୍ୱଳ୍ପ ବେତନ ଭୋଗୀ ହୋଇ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରି ଚାଲିଥିବାରୁ ରାଜ୍ୟରେ ପ୍ରାଇଭେଟ ସ୍କୁଲ ଆଜି ଆଗରେ ରହିଥିବା ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବିଧାୟକ ସୁବାସ ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଏମଏସଭିର ସଭାପତି ପ୍ରକାଶ ଚନ୍ଦ୍ର ହୋତା, ରମ୍ଭା ନଗର ବିଜେଡି ସଭାପତି ଶ୍ରୀକାନ୍ତ ବିଶ୍ୱାଳ, ଅହଲ୍ୟା ବେହେରା, ଏମ୍‌ଏସଭି ପୋଲୋସରା ଆଡ଼ଭାଇଜରହର ପ୍ରସାଦ ଆଚାର୍ଯ୍ୟ, ବ୍ରହ୍ମପୁର ଏମ୍.ଏସ.ଭି ଚେୟାରମ୍ୟାନ ସ୍ମୃତି ରଞ୍ଜନ ସାହୁ, ବଶିଷ୍ଠ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ।

## ଗଞ୍ଜେଇ ଚାଲାଣ ବେଳେ ଅଭିଯୁକ୍ତ ଧରାପଡ଼ିଲେ

ଦାରିଙ୍ଗବାଡି,୧୦।୪(ଡି.ଏନ.ଏ.)

ଦାରିଙ୍ଗବାଡି ଥାନା ଗଞ୍ଜେଇ ଚୋରା ଚାଲାଣ ବେଳେ ପୋଲିସ ପିକ ଅପ ସହିତ ୨୨କିଲୋ ୩୫୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବାଲିଗୁଡା ଥାନା ସାଲାକିଆ ଗ୍ରାମର ଦୀପକ ଦିଗାଲ। ଦୀପକ ଏକ ବୋଲେରୋରେ ବାଲିଗୁଡା ଅଞ୍ଚଳରୁ ଦାରିଙ୍ଗବାଡି ଦେଇ ବ୍ରହ୍ମପୁର ପଟେ ଗଞ୍ଜେଇ ନେଉଥିବା ପୋଲିସ ଖବର ପାଇ ଗାଡିଟିକୁ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ଗଞ୍ଜେଇ ବସ୍ତା ମିଳିଥିଲା।

# ବଜ୍ରପାତରେ ଛେଳି ଚରାଳି ମୃତ

ଦିଗପହଣ୍ଡି,୧୦।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତ ଡେପ ଶଙ୍କର ଖାଳି ଗାଁ ନିକଟ ଚାଷଜମିରେ ସୋମବାର ବଜ୍ରପାତ ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଡ଼ ସାମନ୍ତରାପୁର ଗ୍ରାମର ଆଗିଲି ଗୌଡ। ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଆଗିଲି ଗୌଡ଼ ସାମନ୍ତରାପୁର – ଡେପ ଶଙ୍କରଖାଳି ଗ୍ରାମର ରାସ୍ତା ପାର୍ଶ୍ୱରେ ରହିଥିବା ଚାଷଜମିକୁ ଛେଳି ଚଳାଇବାକୁ ଯାଇଥିଲେ। ସେଠାରେ ବଜ୍ରପାତ ପ୍ରଭାବରେ ଛେଳି ଚରାଉଥିବା ଆଗିଲି ଟଳି ପଡ଼ିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ, ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେ. ନୂଆଗାଁ ଥାନା ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଅପରପକ୍ଷରେ ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ରାଇକିଆରେ 'ଇଷ୍ଟର ମ୍ୟୁଜିକାଲ ନାଇଟ' କାର୍ଯ୍ୟକ୍ରମ

ରାଇକିଆ,୧୦।୪(ଡି.ଏନ.ଏ.)

ରାଇକିଆ କ୍ୟାଥୋଲିକ ସାଂସ୍କୃତିକ କମିଟି ତରଫରୁ ରାଇକିଆ ବିଜୟ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ରବିବାର 'ଇଷ୍ଟର ମ୍ୟୁଜିକାଲ ନାଇଟ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଫାଦର ପ୍ରଦୋଶ ନାୟକ, ସମ୍ମାନୀୟ ଅତିଥି ରୂପେ ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ସମାଜିକ କର୍ମୀ ଜୟାନନ୍ଦ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଜଗତ ପ୍ରସିଦ୍ଧ ଗାୟିକା ଶୈଳଭାମା ମହାପାତ୍ର, ଗାୟକ ଜଗନ ମୋହନ ନାଗ, ସଙ୍ଗୀତ ବାଦକ ସୀମାଦ୍ରି ସୀମା ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କ ଖୁବ ମନୋରଞ୍ଜନ କରିଥିଲେ। କମିଟି ତରଫରୁ ସଭାପତି ବିନୟ କୁମାର ସଭାସୁନ୍ଦର, ସମ୍ପାଦକ ଅନିଲ କୁମାର ଦିଗାଳ, ଯୋଗୀନ୍ଦ୍ର ନୀଳମଣି ମଣ୍ଡଳ, ରଶ୍ମି ରଞ୍ଜନ ତ୍ରିପାଠୀ, ରାଜକୁମାର ପ୍ରଧାନ, ସୁନୀଲ ନାୟକ ଯୋଗଦେଇ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଉପଭୋଗ କରିଥିଲେ।

# ମେଡିକାଲରେ ଜନ୍ମଦିନ ପାଳିଲା ଜଗା



ଜଗା କେକ୍ କାଟୁଛି।

ଫୁଲବାଣୀ ଅଫିସ, ୧୦।୪

କନ୍ଧମାଳ ଜିଲାର ଯୋଡ଼ା ମୁଣ୍ଡ ଶିଶୁ ଜଗା ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ଧୁମଧାମରେ ନିଜ ଜନ୍ମଦିନ ପାଳନ କରିଛି। ଜଗା ଏବେ ୮ ବର୍ଷରେ ପଦାର୍ପଣ କରିଛି। ନିଜ ମା' ବାପା, ମେଡିକାଲର କେତେଜଣ କର୍ମଚାରୀ, ସିକ୍ୟୁରିଟି ଗାର୍ଡଙ୍କ ଗହଣରେ ଜଗା ନିଜ ଜନ୍ମଦିନ କେକ୍ କାଟି ବହୁତ ଖୁସି ହୋଇଛି। ଦିଲ୍ଲୀ ଏମ୍ସରେ ଅସ୍ତ୍ରୋପଚାର ପରେ ଜଗା ଏବଂ କାଳିଆର ମୁଣ୍ଡ ଅଲଗା ହୋଇଥିଲା। ହେଲେ କିଛିଦିନ ପରେ କାଳିଆର ମୃତ୍ୟୁ ହୋଇଥିଲା। ଜଗା କଟକ ମେଡିକାଲରୁ ଆସି ଜିଲା ମୁଖ୍ୟ ଚିକିତ୍ସାଳୟ ଶିଶୁ ୱାର୍ଡ ୨ ନଂ. କ୍ୟାବିନରେ ରହି ଆସୁଛି। ଜଗାର ପୁଣି ଥରେ ଅସ୍ତ୍ରୋପ୍ରଚାର ହେବ ବୋଲି ସୂଚନା ମିଳିଛି।

# ବ୍ୟାଙ୍କକ୍‌ରେ ଚମକିଲେ ଓଡ଼ିଆ ଝିଅ ସଂଯୁକ୍ତା

ବେଗୁନିଆପଡ଼ା,୧୦।୪

ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ କେ. ବରିଡ଼ା ଗ୍ରାମର ସଂଯୁକ୍ତା ରାଉତରାୟ ଓଡ଼ିଶୀନୃତ୍ୟରେ ସଫଳତା ଅର୍ଜନ କରିଛନ୍ତି। ଭାରତ ସଂସ୍କୃତି ମହୋତ୍ସବରେ ଓଡ଼ିଶୀନୃତ୍ୟ ପରିବେଷଣକରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଆଶିଷ ବେହେରାଙ୍କ ସ୍ତ୍ରୀ ହେଉଛନ୍ତି ସଂଯୁକ୍ତା। ବ୍ୟାଙ୍କକ୍‌ର ମହୀଦୁଲ୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ସେ ଗତ ୬ ତାରିଖରେ ଓଡ଼ିଶୀନୃତ୍ୟ ପରିବେଷଣ କରିଥିଲେ। ଓଡ଼ିଶୀ ନୃତ୍ୟଗୁରୁ ଡ. ଗଜେନ୍ଦ୍ର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଏହି ସଫଳତା ଅର୍ଜନ କରିଛନ୍ତି ସଂଯୁକ୍ତା। ସଂଯୁକ୍ତା ବର୍ତ୍ତମାନ ବିଦ୍ୟାସାଗର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ କଲେଜରେ ଶିକ୍ଷାଦାନ କରୁଥିବା ଜଣାପଡ଼ିଛି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ମାନପତ୍ର ସହ ପଦକ ମିଳିଛି।

**ଓଡ଼ିଶୀନୃତ୍ୟରେ ପାଇଲେ ପଦକ**



ପୁରସ୍କାର ସହ କୃତୀ ସଂଯୁକ୍ତା।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ସଚେତନତା ଶୋଭାଯାତ୍ରା କରାଯାଉଛି।

ଆସିକା,୧୦।୪(ଡି.ଏନ.ଏ.)

ଗାଙ୍ଗପୁର ଥାନା ଅନ୍ତର୍ଗତ କ୍ଷେତ୍ରୀୟବରପୁରଠାରେ ସୋମବାର ଗାଙ୍ଗପୁର ପୋଲିସ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଶୋଭାଯାତ୍ରା ସହର ପରିକ୍ରମା ବେଳେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସାଧାରଣରେ ସଚେତନତା ସୃଷ୍ଟି କରାଯାଇଥିଲା। ଜନସାଧାରଣ ୨ଚକିଆ ଯାନ ଚଳାଇଲା ବେଳେ ହେଲମେଟ ବ୍ୟବହାର କରିବା, ନିଶାସକ୍ତ ଅବସ୍ଥାରେ ଗାଡି ନ ଚଳାଇବା, ନିର୍ଦ୍ଧାରିତ ସୀମାଠାରୁ ଅଧିକ ବେଗରେ ଯାନବାହାନ ଚଳାଚଳ ପ୍ରତି ସଚେତନ ହେବା ଲାଗି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଗାଙ୍ଗପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ସବଇନ୍ସପେକ୍ଟର ସୁବ୍ରଜିତ ସାମନ୍ତରାୟ, ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ କୁମାର ରାୟ, କଲେଜ ଅଧକ୍ଷ ସୁବାସ ଚନ୍ଦ୍ର ସାମଲ, ଅଧାପକ କୁମୁଦ ଚନ୍ଦ୍ର ମହାପାତ୍ର, ସୁରେନ୍ଦ୍ର କୁମାର ସାହୁ, ଜୟରାମ ବିଶ୍ୱାଳ, ଅଧକ୍ଷା ମାମା ପରିଡ଼ା, ଆଦର୍ଶ ବିଦ୍ୟାଳୟ ଶିକ୍ଷକ ରଜତ କିରଣ ମହାପାତ୍ର ପ୍ରମୁଖ ସାମିଲ ଥିଲେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ମେଶିନ ବ୍ୟବହାର ଅଭିଯୋଗ

ପାରଳାଖେମୁଣ୍ଡି,୧୦।୪(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ଅଗରଖଣ୍ଡି ପଞ୍ଚାୟତ ଅନ୍ତର୍ଗତ ବଡଗାଁ ଗ୍ରାମର ଏକ ପୋଖରୀ କାମରେ ମେଶିନ ବ୍ୟବହାର ହୋଇଥିବାର ଅଭିଯୋଗ ହେଉଛି। ବଡ଼ଗାଁ ଗ୍ରାମଠାରେ ଥିବା ବଡବନ୍ଧର ପୁନରୁଦ୍ଧାର କାର୍ଯ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଅନ୍ତର୍ଗତ କାର୍ଯ୍ୟ କରାଯିବା ପାଇଁ ଫଳକ ଲାଗିଛି। ଏହି କାର୍ଯ୍ୟ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜାନାରେ ୧୨ଲକ୍ଷ ଟଙ୍କା ବ୍ୟୟବରାଦ ଫଳକରେ ଲେଖା ହୋଇଥିବା ବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ୨ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇ ମୋଟ ୧୪ଲକ୍ଷ ଟଙ୍କାର କାମ ହେଉଛି। କାର୍ଯ୍ୟ ଆରମ୍ଭ ତାରିଖ କିମ୍ବା ଶେଷ ତାରିଖ ଉଲ୍ଲେଖ ନାହିଁ। ଫଳକରେ ୨୦୨୨–୨୩ ଆର୍ଥିକ ବର୍ଷରେ ନିର୍ମାଣ ହେଉଥିବାର ଉଲ୍ଲେଖ ରହିଛି। ଉକ୍ତ କାମ ଗତ ଆର୍ଥିକ ବର୍ଷ ହୋଇଥିଲେ ହେଁ ୨୦୨୩–୨୪ ଆର୍ଥିକ ବର୍ତ୍ତମାନ କାମ ଆରମ୍ଭ କରାଯାଉଛି। ତାହା ବି ଜେସିବି ମେଶିନ ବ୍ୟବହାର କରାଯାଇ କାର୍ଯ୍ୟ ସମ୍ପାଦନ ହେଉଥିବାର ଦେଖିବାକୁ ମିଳିଛି। ଏ ନେଇ ସ୍ଥାନୀୟ ପିଇଓ, ଜିଆର୍‌ଏସ୍ ଆମ୍ଭେ ଉକ୍ତ କାମ ବିଷୟରେ ଜାଣିନାହୁଁ ବୋଲି କହିଥିବା ବେଳେ କନିଷ୍ଠଯନ୍ତ୍ରୀ କାମ ହେଉଥିବ ବୋଧେ ବୋଲି କହିଛନ୍ତି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କହିଛନ୍ତି, ଉକ୍ତ କାର୍ଯ୍ୟ ସମ୍ପର୍କରେ ମୁଁ କିଛି ଜାଣି ନାହିଁ। ବିଭାଗୀୟ ଅଧିକାରୀ କିମ୍ବା ପିଇଓ ଓ ଜିଆର୍‌ଏସ୍ ମୋତେ କିଛି ସୂଚନା ଦେଉନାହାନ୍ତି। ତେଣୁ ଏଥିରେ ଜିଲା ପ୍ରଶାସନ ହସ୍ତକ୍ଷେପ କରି ତୁରନ୍ତ ସମାଧାନ କଲେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାର ସଫଳ ରୂପାୟନ ହୋଇପାରିବ ଏବଂ ଏଥିରେ କାର୍ଯ୍ୟ କରୁଥିବା ଅସାଧୁ ଲୋକେ ନିବୃତ୍ତ ରହିପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



